ସୁଭାଷ ଚନ୍ଦ୍ର ବୋଷଙ୍କ ପରି ସେ କେଉଁ ଅବସ୍ଥାରେ କିପରି ମୃତ୍ୟୁ ବରଣ କଲେ ଅଦ୍ୟାବଧି ରହସ୍ୟମୟ ବଳୟ ମଧ୍ୟରେ ରହିଯାଇଛି । କିନ୍ତୁ ଚକରା କେବେ ହେଲେ ବ୍ରିଟିଶ ବାହିନୀ ଆଗରେ ଆତ୍ମସମର୍ପଣ କରି ନଥିଲେ ଓ ବ୍ରିଟଶ ବାହିନୀ କଦାପି ତାଙ୍କୁ ଧରି ପାରି ନଥିଲେ । ଭାରତବର୍ଷର ସ୍ୱାଧୀନତା ସ୍ୱପ୍ନରେ ବିଭୋର ହୋଇ ଘୁମୁସରର ମୁକ୍ତି ଆନ୍ଦୋଳନକୁ ସେ ଯେଉଁ ଉତ୍ସର୍ଗୀକୃତ ଦେଶପ୍ରେମର ପରାକାଷ୍ଠା ଦେଖାଇ ଯାଇଛନ୍ତି, ତାହା ବାସ୍ତବିକ ଭାରତ ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିବ । ଚକରା ଏତେ ବଡ଼ ସଂଗ୍ରାମୀ ହେଲେ ମଧ୍ୟ ଦୀର୍ଘଦିନ ଧରି ଲୋକଲୋଚନକୁ ଆସି ନପାରିବାର ମୁଖ୍ୟ କାରଣ ହେଲା ଏଭଳି ଜଣେ ସଂଗ୍ରାମୀଙ୍କ ସଂଗ୍ରାମ ସର୍ବତ୍ର ବ୍ୟାପି ଯିବାର ଆଶଙ୍କା ରହିଥିଲା । ଏଣୁ ଇଂରେଜ ସରକାର ତାଙ୍କ ସମ୍ପର୍କିତ ରେକର୍ଡ଼କୁ ଲୁକ୍କାୟିତ କରି ରଖିଥିଲା । କାଳର ଚୌହଦୀ ମଧ୍ୟରେ ତାଙ୍କର ନଶ୍ୱର ଶରୀର ସମାଧି ଲାଭ କରିଛି, ହେଲେ ଜନ୍ମଭୂମିର ସେବାରେ ତାଙ୍କର ମହନୀୟ ତ୍ୟାଗ ଓ ଉତ୍ସର୍ଗ ଲାଗି ଭାରତୀୟ ଜନମାନସରେ ସେ ଚିରଦିନ ଅମର ହୋଇ ରହିବେ, ଏହା ନିଃସନ୍ଦେହ ।

କଳିଙ୍ଗନଗର, ଭଞ୍ଜନଗର

# ଆମେରେ ସ୍ୱାଧୀନ ଆଜି

ଶ୍ରୀଧର କୁମାର ସାହୁ

ପରାଧୀନ ଥିଲା ଦିନେ ଏଇ ଆମ ଆଜିର ସୁନାର ଭାରତ
ଆଣିଥିଲେ ସ୍ୱାଧୀନତା ସଂଗ୍ରାମୀଗଣ
ଖାଇ ମାଡଗାଳି, ଝରାଇଣ ଲୁହ ଲହୁ ।

ଛାଡି ହିଂସା ତରବାରୀ, ଅହିଂସା ପଥେ କରି ଆନ୍ଦୋଳନ
ଥରାଇ ଦେଲେ ସେ ବ୍ରିଟିଶର ହିଆ
ହୃଦେ ତାଙ୍କ ସୃଷ୍ଟି କଲା କମ୍ପନ ।

ଧନ୍ୟ ସେ ବୀରଗଣ ଧନ୍ୟ
ତା' ଜନନୀ ଧନ୍ୟ ସେ ଜାତି ମହାନ
ଦୁଃଖ ଲାଗେ ଆଜି ଦେଖି ହିଂସା ଆଚରଣ
କ୍ଷୁଣ୍ଣ ସାମାଜିକ ଚେତନ ।

ଛାଡି ହିଂସାର ପଥ କର ଅହିଂସା ପଥ ସଦା ଆଚରଣ
ଫେରିଆସୁ ସୁଦିନ, ହସୁ ଆଜିର ସମାଜ
ଆମେରେ ହେବା ମହାନ ।

ହସିବେ ପୂର୍ବ ଦାୟାଦ ଆମ
ଥାଇବି ଏବେ ସ୍ୱର୍ଗେ
ଆସରେ ଆମେ ଧରିବା ତୋଳି
ତାଙ୍କରି କଳ୍ପିତ ଭୂସ୍ୱର୍ଗ ।

ଦେଶ ହେବ ମହାନ ଜାତି ହେବ ମହାନ
ହସିବ ସୁନ୍ଦର ଭାରତ
ହିଂସା, ଦ୍ୱେଷ, ଦୁଃଖ ଦୂର ହୋଇଯିବ
ଝରିବ ନାହିଁରେ ରକତ ।

ସମୀକ୍ଷକ
ଗୃହ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସଚିବାଳୟ, ଭୁବନେଶ୍ୱର